ଅକ୍ଟୋବର୨୩, ୨୦୦୬

ମହାମହିମ ଶ୍ରୀଯୁକ୍ତ ପ୍ରଧାନମନ୍ତ୍ରୀ ମହୋଦୟ,

ରାଷ୍ଟ୍ରୀୟ ଜ୍ଞାନ ଆୟୋଗ ବିଦ୍ୟାଳୟ ଶିକ୍ଷା ସଂସ୍କାର ଉପରେ ପରୀକ୍ଷା ନିରୀକ୍ଷା କରି ଆସୁଛନ୍ତି. ଏକ ଅଦ୍ୱିତୀୟ ପ୍ରବେଶ ଅଧିକାର ପାଇବାର ଏକମାତ୍ର ମାଧ୍ୟମ ସ୍କୁଲ ସ୍ତରରୁ ଇଂରାଜୀ ଶିକ୍ଷା ସାବଲୀଳ ହେଲେ ଏକ ଜ୍ଞାନଦୀପ୍ତ ସମାଜ ଗଠନର ଝଲକରେ ଭାରତ ଝଲସି ଉଠିବ.

ଏହିଠାରେ ଆମ୍ଭେ କେନ୍ଦ୍ର ସରକାରଙ୍କ କର୍ମକର୍ତ୍ତା ଠାରେ ଦାବି ଉପସ୍ଥାପନ କରିବୁ ଉକ୍ତ ଭାଷା ଶିକ୍ଷାର ଏକ ନକଲ ଶିକ୍ଷା ବିଲ୍ ସହିତ ପ୍ରତ୍ୟେକ ରାଜ୍ୟର ଶିକ୍ଷା ସଚୀବଙ୍କ ଦୃଷ୍ଟି ଆକର୍ଷଣ କରାଯାଉ. ଆମ୍ଭେ ଅନେକ ବୁଦ୍ଧିଜିବୀ ତଥା ଶିକ୍ଷାବିତଙ୍କ ପରାମର୍ଶ କ୍ରମେ ଏହି ବିଲଟି ପ୍ରବର୍ତ୍ତନ କରିଛୁ. ଏହା ଆମେ ହୃଦବୋଧ କରୁଛୁ ଯେ, ଏହି ବିଲଟି କେନ୍ଦ୍ର ସରକାରଙ୍କ ଦ୍ୱାରା କାଏମ ରହିବ ସମ୍ବିଧାନର ଧାରା ୨୧ (କ) ମାଧ୍ୟମରେ. ଆମେ ଅନୁଭବ କରୁଛୁ ଯେ, ବର୍ତ୍ତମାନ ସମୟରେ ସଙ୍ଗୀୟ ନୀତି ଅନୁସାରେ ସ୍କୁଲ୍ ଶିକ୍ଷା ପୁରା ଭାବରେ ରାଜ୍ୟ ସରକାରଙ୍କ ଆୟତ୍ତାଧିନ.

ଆମେ ଅନୁଭବ କରୁଛୁ ଯେ ଉକ୍ତ ବିଷୟ କେନ୍ଦ୍ର ସରକାରଙ୍କ ବ୍ୟବସ୍ଥାପକମାନଙ୍କ ଦ୍ୱାରା ବିଧିବଦ୍ଧ ଭାବେ ସ୍ତର କରାଯିବ.

**୧. କେନ୍ଦ୍ରୀୟ ବ୍ୟବସ୍ଥାପକ** - କେନ୍ଦ୍ର ସ୍ତରରେ ଧାରା ୨୧ (କ) ଅନୁସାରେ ଶିକ୍ଷାର ଅଧିକାର ଏକ ମୌଳିକ ଅଧିକାର ଅଟେ. ତେଣୁ କେନ୍ଦ୍ର ସରକାର ଚାହିଁଲେ ରାଜ୍ୟ ସରକାରମାନଙ୍କୁ ଏହି ଭାଷା ଆନ୍ଦୋଳନରେ ସାମିଲ୍ କରି ପଞ୍ଚାୟତରାଜ୍ ମାଧ୍ୟମରେ ସମ୍ପାଦନ କରି ପାରିବ. ଏବଂ ପ୍ରତ୍ୟେକ ରାଜ୍ୟଙ୍କୁ ଶିକ୍ଷା ଏକ ମୌଳିକ ଅଧିକାର ହିସାବରେ ଆର୍ଥିକ ସହଯୋଗର ହାତ ବଢ଼ାଇଲେ ଆମ ପରିକଳ୍ପନା ବାସ୍ତବ ରୂପନେବ.

**୨. ଆର୍ଥିକ ପ୍ରତିଶୃତି** – କେନ୍ଦ୍ର ସରକାରଙ୍କୁ ଶିକ୍ଷା ଅଧିକାର ପାଇଁ ପ୍ରୟୋଜନୀୟ ଅତିରିକ୍ତ ଖର୍ଚ୍ଚ ବେଶୀଭାଗ ଅଂଶ ବହନ କରିବାକୁ ହେବ. ସେଥିପାଇଁ କେନ୍ଦ୍ରୀୟ ଆଇନ ସଙ୍ଗରେ ଆର୍ଥିକ ଅନୁଦାନର ବ୍ୟବସ୍ଥା ମଧ୍ୟ ରହିବା ଦରକାର. ଯାହାଦ୍ୱାରା କେନ୍ଦ୍ର ସରକାର ପ୍ରାରମ୍ଭିକ ଶିକ୍ଷା କୋଷ ସାଙ୍ଗରେ, କରର ତହବିଲ୍ ପାଖରୁ ରାଜ୍ୟ ସରକାରଗୁଡ଼ିକୁ ରାଜସ୍ୱ ଅଂଶ ଦେଇପାରିବେ ଏବଂ ସମୋନେ ମଧ୍ୟ ଶିଶୁର ଶିକ୍ଷା ଅଧିକାର ପାଇଁ ଲାଗୁଥିବା ଅତିରିକ୍ତ ଖର୍ଚ୍ଚ ଦେଇପାରିବେ. ସାର୍ବଭୌମ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ପାଇଁ ପ୍ରୟୋଜନୀୟ ଏହି ଅତିରିକ୍ତ ଆର୍ଥିକ ଅନୁଦାନର ଅଙ୍କନ ବିଷୟରେ ଯାହା ହିସାବ କରାହୋଇଛି, ସେ ହିସାବରେ GDP ୦.୮% ଠାରୁ ୨.୫% ପର୍ଯ୍ୟନ୍ତ ଦରକାର ହୋଇପାରେ, ଯାହା ନିର୍ଭର କରିବ ଏହି ହିସାବ ପାଇଁ କେଉଁ ବିଷୟକୁ ମାନ ଧରି ବିଚାର କରାହେଉଛି. ତେବେ ଅନୁମାନ କରାହେଉଛି ପ୍ରୟୋଜନୀୟ ଆର୍ଥିକ ଅନୁଦାନର ପରିମାଣର ତଳଦିଗକୁ ହେବ। କାରଣ ଇତି ମଧ୍ୟରେ ବେଶ୍ କିଛି ରାଜ୍ୟରେ ପ୍ରାୟ ଶତପ୍ରତିଶତ ବ୍ୟବସ୍ଥା ନେବା ହୋଇଛି ଓ ବାକି ବେଶ୍ କିଛି ରାଜ୍ୟରେ ସର୍ବଶିକ୍ଷା ଅଭିଜାନର ଫଳ ହିସାବର ପ୍ରବେଶାଧିକାର କ୍ଷେତ୍ରରେ ବିରାଟ ପାର୍ଥକ୍ୟ ଆସିଛି.

**୩. ସମୟ ବ୍ୟବସ୍ଥା** – ରାଜ୍ୟ ସ୍ତରୀୟ ବ୍ୟବସ୍ଥାପନ ମଣ୍ଡଳୀ, ପରି ଗୁଣ ପୂର୍ଣ୍ଣ ସାର୍ବଜନୀନ ଶିକ୍ଷା ଲାଭ କରିବା ପାଇଁ ଏକ ନିର୍ଦ୍ଧିଷ୍ଟ ସମୟସୀମା ନିର୍ଦ୍ଧାରଣ କରିବ. ଏହି ସମୟସୀମା ତିନି ବର୍ଷ ମଧ୍ୟରେ ହେବା ଆବଶ୍ୟକ. 'ଆଦର୍ଶ ବିଲ'ରେ ଏହି ବ୍ୟବସ୍ଥା ଗ୍ରହଣ ଓ କାର୍ଯ୍ୟକାରୀତାର ସମୟସୀମା ବିଷୟରେ କିଛି ଉଲ୍ଲେଖ ହୋଇନାହିଁ.

**୪. ନିତି ଓ ଆଦର୍ଶର ତାଲିକା** – ସର୍ବ ଗୁଣ ଥିବା ଶିକ୍ଷା ପାଇବା ପାଇଁ ନିର୍ଦ୍ଦିଷ୍ଟ ନିୟମର ଏକ ତାଲିକାର ଆବଶ୍ୟକ, ଯାହା ପ୍ରତ୍ୟେକେ ସ୍କୁଲ ଗ୍ରହଣ କରିବ. 'ଆଦର୍ଶ ବିଲ୍' ରେ ଏପରି କୌଣସି ନିର୍ଦ୍ଧିଷ୍ଟ ନିୟମ ତାଲିକା କିମ୍ବା ସ୍କୁଲଗୁଡ଼ିକ ଯେଉଁ ସର୍ବନିମ୍ନଗୁଣ ପୂର୍ଣ୍ଣ ଶିକ୍ଷା ପ୍ରଦାନ କରିବେ ତାର ଉଲ୍ଲେଖ ନାହିଁ. ସେଠାରେ ଗୁଣର (ଶିକ୍ଷାର ଗୁଣ) ପରିମାଣ ବା ସୀମା ନିର୍ଦ୍ଧାରଣ ବିଷୟରେ କିଛି ଉଲ୍ଲେଖ ନକରି କେବଳ ମାତ୍ର ନ୍ୟାର୍ଯ୍ୟ ସଂଗତ ଗୁଣ ବୋଲି କୁହାଯାଇଛି. ଆମେ ଯେତେବେଳେ ଯାଣୁଛୁ ଯେ, ଗୁଣ ହେଉଛି ଏକ ଜଟିଳ ବା ମିଶ୍ର ଘଟଣା ସେତେବେଳେ କିଛି ନିର୍ଦ୍ଧିଷ୍ଟ ନିୟମ ମୂଳଦୁଆ ଗଠନ, ସ୍କୁଲ ପ୍ରତି ଓ ଛାତ୍ର ଛାତ୍ରୀଙ୍କ ପ୍ରତି ଶିକ୍ଷକଙ୍କର ସଂଖ୍ୟା, ଶିକ୍ଷା ଦେବାର ଏବଂ ଅନ୍ୟ ସୁବିଧାମାନ, ଇତ୍ୟାଦି ଆବଶ୍ୟକୀୟ ସର୍ତ୍ତଭାବେ ନିଶ୍ଚିତ ରୂବେ ଏଥିରେ ଯୁକ୍ତ ହେବା ଆବଶ୍ୟକ.

**୫. ଶିକ୍ଷକଙ୍କ ପାଇଁ ନିର୍ଦ୍ଦେଶ** – ଅନନ୍ତର ଶିକ୍ଷକମାନେ ଶିକ୍ଷାର ଗୁଣ ନିର୍ଣ୍ଣୟ କରିବାକୁ ବିଚାରକ୍ଷମ ଯାହାର ପ୍ରାଞ୍ଜଳ ଭାବେ ବ୍ୟାଖ୍ୟା ରଖାଯାଇ କିନ୍ତୁ ଶିକ୍ଷକଙ୍କର ସର୍ବନିମ୍ନ ଯୋଗ୍ୟତା ପାଇଁ ଏକ ନମନୀୟ ନିର୍ଦ୍ଦିଷ୍ଟ ନିୟମର ପ୍ରୟୋଜନ 'ଆଦର୍ଶ ବିଲ୍' ରେ ଶିକ୍ଷକଙ୍କ ବିଷୟରେ କୌଣସି ସବିଶେଷ ବିବରଣ ନାହିଁ. କିମ୍ବା ଯୋଗ୍ୟତା ଏବଂ ଚାକିରୀରେ ପଦବୀ ଲାଗି ପ୍ରଶିକ୍ଷଣର ଆବଶ୍ୟକତା ବିଷୟରେ କିଛି ଉଲ୍ଲେଖ ନାହିଁ. ଶିକ୍ଷକ ବିଷୟରେ କେବଳ କୁହାଯାଇ ଯେ, ଜଣେ ଲୋକ ଯିଏ କ୍ଲାସ୍ ରୁମ୍ ଶିକ୍ଷା ଦିଏ. ଯାହା ହେଉନା କାହିଁକି ଏଠାରେ ଶିକ୍ଷକର ଯୋଗ୍ୟତା ଏବଂ ପ୍ରଶିକ୍ଷଣ ବିଷୟରେ ନିର୍ଦ୍ଧିଷ୍ଟ ନିୟମର ନିର୍ଦ୍ଦେଶ ଆବଶ୍ୟକ.

**୬. ନ୍ୟାୟପରତା** – ଶିକ୍ଷାଧିକାର ସହିତ ଯେକୌଣସି ଅଧିକାର ଦେବେ ଯଦି ତାହା ନ୍ୟାର୍ଯୋଚିତ ହୁଏ. ରାଜ୍ୟ ସରକାରଙ୍କୁ ଦିଆ ଯାଇଥିବା 'ଆଦର୍ଶ ବିଲ୍' ଅନୁସାରେ ଗୋଟିଏ ପିଲାର ଦାୟିତ୍ୱ ଯଦିଓ ତାର ପିତା ମାତାଙ୍କ ଉପରେ ନ୍ୟସ୍ତ କରାଯାଏ ତଥାପି ବିଭିନ୍ନ ସ୍ତରରେ ସରକାରଙ୍କ ଦାୟବଦ୍ଧତା ଅନୁଗୃହିତ ଓ ନ୍ୟାୟୋଚିତ ହେବା ଆବଶ୍ୟକ. ଏଠାରେ ଉଦାହରଣ ସ୍ୱରୂପ 'ନ୍ୟାସନାଲ୍ ରୁରାଲ୍ ଏମ୍ପ୍ଲୟମେଣ୍ଟ୍ ଗ୍ୟାରେଣ୍ଟି' (NREGA) କୁ ନିଆଯାଇ ପାରେ.

**୭. ଅଭିଯୋଗ ପ୍ରତିବିଧାନ ପଦ୍ଧତି** – ନ୍ୟାର୍ଯୋଚିତତା ନିଶ୍ଚିତ ହେବା ପାଇଁ ଗୋଟିଏ ଅଭିଯୋଗ ପ୍ରତିବିଧାନ ପଦ୍ଧତିର ମୋଟା ମୋଟି ନକ୍ସା ଏକ ଉପଯୁକ୍ତ କାର୍ଯ୍ୟ ପ୍ରଣାଳୀର ବ୍ୟବସ୍ଥା ହେବା ଉଚିତ୍. ଯଦି କୌଣସି କ୍ଷେତ୍ରେରେ ବା ତାର ପିତା ଉଚିତ୍ ନ୍ୟାର୍ଯ୍ୟ ପାଇବାରୁ ବଞ୍ଚିତ ହୁଅନ୍ତି.

**୮. ସାର୍ବଜନୀନ ଶିକ୍ଷା** – ଅବହେଳିତ ପିଲାମାନଙ୍କୁ ଓ ଭୂମୀହୀନ ସଂଖ୍ୟା ଲଘୁ ସମ୍ପ୍ରଦାୟର ପିଲାମାନଙ୍କୁ ଏବଂ ବିକଳାଙ୍ଗ ବା ସ୍ୱତନ୍ତ୍ର ରୂପେ ଆବଶ୍ୟକ କରୁଥିବା ପିଲାମାନଙ୍କ ସହିତ ସମସ୍ତଙ୍କୁ ନିଶ୍ଚିତରୂପେ ସ୍କୁଲ ଶିକ୍ଷା ଦିଆଯିବା ଆବଶ୍ୟକ. ପୃଥକ ସାମାଜିକ, ଅର୍ଥନର୍ତିକ ଏବଂ ସାଂସ୍କୃତିକ ଅନ୍ଧକାର ମଧ୍ୟରେ ଥିବା ପିଲାମାନଙ୍କ ପାଇଁ ସରକାରୀ ପ୍ରଣାଳୀରେ ଦିଆଯାଉଥିବା ଶିକ୍ଷା ଭେଦଭାବହୀନ ହେବା ଆବଶ୍ୟକ. 'ଆଦର୍ଶ ବିଲ୍' ରେ ଏକ ସ୍ୱତନ୍ତ୍ର ସମାନ୍ତରାଳ ଶିକ୍ଷା ବ୍ୟବସ୍ଥା ସୃଷ୍ଟି କରିବାର ସମ୍ଭାବନା ଅଛି, ଯାହା ଅନୁନ୍ନତ

ଶ୍ରଣୀ ଓ ପ୍ରଚ୍ଛନ୍ନତା ମଧ୍ୟରେ ଥିବା ପିଲାମାନଙ୍କର ସ୍ତରେ ସ୍ତରେ ଶିକ୍ଷାର ଯୁଆର ଭରିଦବେ; କାରଣ ଏପରି କ୍ଷେତ୍ରେରେ ବାକ୍ୟାତ୍ମକ ଶିକ୍ଷା ପ୍ରଣାଳୀ ପରିବର୍ତ୍ତେ କେବଳ ଗୁଣାତ୍ମକ (କର୍ମଗତ) ଶିକ୍ଷା ପ୍ରଣାଳୀର ଆବଶ୍ୟକତା ଅଛି.

ଏହା ସ୍ପଷ୍ଟ ପ୍ରତୀୟମାନ ଯେ ଛାତ୍ର ଛାତ୍ରୀମାନଙ୍କ ନିର୍ଦ୍ଦିଷ୍ଟ ଆବଶ୍ୟକତାକୁ ପୂରଣ କରିବା ପାଇଁ ଶିକ୍ଷା ପ୍ରଣାଳୀଙ୍କୁ ପ୍ରତ୍ୟେକେ କ୍ଷେତ୍ରେରେ ଅଧିକ ନମନୀୟ ହବୋକୁ ପଡ଼ିବ.

ଉପର ଲିଖିତ ଉପାୟଗୁଡ଼ିକର ବିଷଦବ୍ୟାଖ୍ୟା ରାଷ୍ଟ୍ରୀୟ ଜ୍ଞାନ ଆୟୋଗ ଖୁସିର ସହିତ ଯୋଗାଇ ଦବେ. ଏ ବିଷୟରେ ବିପଦ ସଂକୁଳ କର୍ମରେ ଲିପ୍ତ ବ୍ୟକ୍ତିମାନଙ୍କ ସହିତ ମନ୍ତ୍ରଣା ଏବଂ ସ୍କୁଲ ଶିକ୍ଷା ସମ୍ପର୍କୀୟ ଅନ୍ୟାନ୍ୟ ଘଟଣାଗୁଡ଼ିକ ପରୀକ୍ଷା ନୀରିକ୍ଷା କରିବା ରାଷ୍ଟ୍ରୀୟ ଜ୍ଞାନ ଆୟୋଗ ଚାଲୁ ରଖିଛି. ଆମେ ମୁଖ୍ୟତଃ ଏହି ସବୁ ପ୍ରଶ୍ନ ଉପରେ ଦୃଷ୍ଟି ନିବଦ୍ଧ କରୁଛୁ ଯେ, କିପରି ବୋର୍ଡ଼ ଅତିକ୍ରମ କରି ଉତ୍ତମ ଶିକ୍ଷାର ମାନ ଗ୍ରହଣ କରାଯାଇପାରିବ; ଆଞ୍ଚଳିକ ଜନସାଧାରଣଙ୍କ ଦ୍ୱାରା ଅନୁଷ୍ଠାନ ଗଠନ ଓ ତାହାର ଅଙ୍ଗସଂସ୍ଥାନର ତତ୍ତ୍ୱାବଧାନ, ଯାହା ଉନ୍ନତମାନର ସ୍କୁଲ-ଶିକ୍ଷା ଦଇେପାରିବ, ସାଧାରଣ ସ୍କୁଲଶିକ୍ଷା ଏବଂ ପଡ଼ୋଶୀ ସ୍କୁଲମାନଙ୍କ ସମ୍ପର୍କୀୟ ଘଟଣା ମାନ, ଏବଂ ପ୍ରଧାନତଃ ନିର୍ଦ୍ଦିଷ୍ଟ କେତେକେ ଅଞ୍ଚଳର ଉପଯୁକ୍ତ ପରିମାଣ ଓ ଉପଯୁକ୍ତ ଗୁଣମାନର ସ୍କୁଲ ଶିକ୍ଷକଙ୍କର ନିଯୁକ୍ତି ଇତ୍ୟାଦି. ନିକଟ ଭବିଷ୍ୟତରେ ଆମେ ସ୍କୁଲ ଶିକ୍ଷା ଉପରେ ଏକ ବ୍ୟାପକ ସୁପାରିସ ବ୍ୟବସ୍ଥା ପତ୍ର ଉପସ୍ଥାପିତ କରିବୁ.

ଧନ୍ୟବାଦ ଏବଂ ନିଜସ୍ୱ ସମ୍ମାନ ସହିତ

ଶାମ୍ ପିତ୍ରାଡ଼ା

ସଭାପତି

ରାଷ୍ଟ୍ରୀୟ ଜ୍ଞାନ ଆୟୋଗ

କପି – ଶ୍ରୀ ଅର୍ଜୁନ୍ ସିଂ, ଏମ୍.ଏଚ୍.ଆର୍.ଡି(MHRD) ମନ୍ତ୍ରୀ

ଶ୍ରୀ ମଣ୍ଟେକେ୍ ସିଂ ଆହଲୁଓ୍ବାଲିଆ, ଡପେୁଟୀ ଚୟୋରମାନ୍, ପ୍ଲାନିଂ କମିଶନ୍